# କୁଡ଼ୁମୀ କଲଚରାଲ ସୋସାଇଟି ଆନୁକୂଲ୍ୟରେ ବନ୍ଦଣା ପର୍ବ ପାଳିତ

ସାହାରପଡ଼ା/କରଞ୍ଜିଆ,(ଆ.ପ୍ର): ଓଡ଼ିଶାର ମୟୁରଭଞ୍ଜ , କେନ୍ଦୁଝର , ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ୨୦ଲକ୍ଷରୁ ଉର୍ଦ୍ଧ୍ୱ କୁଡ଼ୁମୀ ଜାତିର ମହାନ ପର୍ବ 'ବାନ୍ଦନା' ବହୁ କାଳରୁ ପାରମ୍ପରିକ ରିତିରେ ପାଳିତ ହୋଇ ଆସୁଅଛି। ପ୍ରତ୍ୟେକ ବର୍ଷ କାଳୀ ପୂଜା ଦିନ ଠାରୁ ଗୋଠ ପୂଜା , ଗୁହାଳ ପୂଜା ଓ ବୁଢ଼ୀ ବାନ୍ଦନା ନାମରେ ଏହି ଉତ୍ସବ ମୁଖ୍ୟତଃ ୩ ଦିନ ଧରି ପାଳିତ ହୋଇଥାଏ। କୃଷି କାର୍ଯ୍ୟରେ ସାହାର୍ଯ୍ୟ କରୁଥିବା ଗୋ ସଂପଦର ଉନ୍ନତି , ସେମାନଙ୍କର ସାଧନ ଓ ବଂଶବୃଦ୍ଧି କାମନା କରି ଏହି ଉତ୍ସବ ପାଳନ କରାଯାଏ। ଓଡ଼ିଶାର ପୂର୍ବାଞ୍ଚଳ ଜିଲ୍ଲା ମାନଙ୍କରେ ଗହ୍ମାପୂର୍ଣ୍ଣିମା ଦିନ ଗୋଜାତିର ସେବା ଆରାଧନା କରାଯାଉଥିବା ବେଳେ କୁଡ଼ୁମି ମାନେ କାଳୀ ପୂଜା ସମୟରେ ଏହା ପାଳନ କରିଥାନ୍ତି। ଉତ୍ତର ଓଡ଼ିଶାର ସାନ୍ତାଳ , ଭୂମିଜ(ମୁଣ୍ଡା) ଜାତିର ଲୋକମାନଙ୍କ ଦ୍ୱାରା ମଧ ଏହି ଉତ୍ସବ 'ସହରାଇ ପର୍ବ' ନାମରେ ଅନୁରୂପ ଭାବେ ପାଳିତ ହୋଇଥାଏ।

ଗତ ୭ତାରିଖ ଦିନ ସାହାରାପଡ଼ା ବ୍ଲକ ଅନ୍ତର୍ଗତ ହରିଚନ୍ଦନପୁର ଗ୍ରାମରେ 'କୁଡ଼ୁମି କଲଚରାଲ ସୋସାଇଟି'ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଟି. ଏନ୍. ଶଙ୍କରଙ୍କ ଏକକ ଉଦ୍ୟମରେ ବାନ୍ଦନା ପର୍ବ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଏକ ଆଲୋଚନା ସଭା ମଧ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କୁଡ଼ୁମି ଗବେଷକ ଡ଼ଃ ଆଦିକନ୍ଦ ମହାନ୍ତଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଝାରଖଣ୍ଡ ଭାଷା ପରିଷଦର ପ୍ରାଣ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ମହତୋ , ସଂପାଦକ ଓମ ପ୍ରକାଶ ମହତୋ ଓ ସଭ୍ୟ ଶଙ୍କର ଲାଲ ମହତୋ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଏବଂ ବାନ୍ଦନା ପର୍ବର ବିଶେଷତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଡ଼ୁମାଲୀ ଭାଷା ଅନଭିଜ୍ଞ ଡ଼ଃ ଭାଗବତ ଲେଙ୍କା ଉକ୍ତ ସଭାରେ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରି ଓଡ଼ିଆ ଭାଷାରେ ନିଜର ବକ୍ତବ୍ୟ ରଖି, କୁଡ଼ୁମୀ ସଂସ୍କୃତି ଭାରତୀୟ ସଂସ୍କୃତିର ଏକ ଗୌରବାବହ ଅଙ୍ଗ ବୋଲି କହିଥିଲେ। ଉକ୍ତ ଶୁଭ ସଂନ୍ଧ୍ୟାରେ ସୋସାଇଟିର ମୁଖପତ୍ର 'ବନ୍ଦନା' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହେବା ସଂଗେ ସଂଗେ ପତ୍ରିକାର ସଂପାଦକ ଦୁଃଶାସନ ମହାନ୍ତଙ୍କ ସମେତ ଉପସ୍ଥିତ ସମସ୍ତ ଲେଖକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଏହା ବ୍ୟତିତ ଗ୍ରାମର ଏକ ଅନ୍ଧୁଣୀ ଆଦିବାସୀ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହିତ କୁଡ଼ୁମି ଗାୟକ ଓ ବାଦକ ମାନଙ୍କୁ ପୁରସ୍କାର ଦେଇ ଉତ୍ସାହିତ କରାଯାଇଥିଲା। ଉକ୍ତ ସଭାରେ କୁଡ଼ୁମାଳୀ ଭାଷା ଓ ସଂସ୍କୃତି ଗବେଷଣା ପରିଷଦ କରଂଜିଆର ସଂପାଦକ ଦୀନବନ୍ଧୁ ମହାନ୍ତଙ୍କ ସମେତ ସଭ୍ୟ ପଦ୍ମନାଭ ମହାନ୍ତ, କମଳ ଲୋଚନ ମହାନ୍ତ, ଜଗମୋହନ ମହାନ୍ତ, ଗୋକୁଳ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର ନାଥ ମହାନ୍ତ, କୁଡ଼ୁମି ଇନଫରମେସନ ସୁକିନ୍ଦାର ସଂପାଦକ ଲମ୍ବୋଦର ମହାନ୍ତ, ସାହାରପଡ଼ା ସାହିତ୍ୟ ସଂସଦର ସଭାପତି ଡ଼ଃ.ଗୌରହରି ମହାନ୍ତ ବର୍ମା ଏବଂ ବିଭିନ୍ନ ଅଞ୍ଚଳର ବହୁ କୁଡ଼ୁମୀ ଲେଖକ , କବି, ଓ ଗବେଷକ ଉପସ୍ଥିତ ଥିଲେ। ଶେଷରେ ଅଧାପକ ବିଜୟ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାନ୍ଦନା ପର୍ବର ଶେଷ ଦିବସରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସଭା ଶେଷରେ ପରିବେଶିତ ଝୁମର ନୃତ୍ୟ ଉପଭୋଗ କରିବାକୁ ନିକଟବର୍ତୀ ଗ୍ରାମର ବହୁ ଜନ ସମାଗମ ହୋଇଥିଲା।

ଓଡ଼ିଶା ଭାସ୍କର/୯/୦୫.୧୧.୨୦୧୦ ଶୁକ୍ରବାର



